## ସଂକ୍ଷେପରେ

### ୧୧ ଆକ୍ରାନ୍ତ, ୭୨ ସୁସ୍ଥ



ଅନୁଗୋଳ ଅଫିସ,୧୯।୨- ଅନୁଗୋଳ ଜିଲାରୁ ଶନିବାର ୧୧ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୭୨ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୩୪୧ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କିଶୋରନଗର ବ୍ଲକ ଅଞ୍ଚଳରୁ ୪ଜଣ, ବଅଁରପାଳ ବ୍ଲକ ଅଞ୍ଚଳରୁ ୩, ଅନୁଗୋଳ ବ୍ଲକ ଅଞ୍ଚଳରୁ ଜଣେ, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ଜଣେ, କଣିହାଁ ବ୍ଲକ ଅଞ୍ଚଳରୁ ଜଣେ ଓ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୬ ଜଣଙ୍କ ମୃତ୍ୟୁ କୋଭିଡ୍‌ରେ ହୋଇଥିବାବେଳେ ୧୭ ଲକ୍ଷ ୪ ହଜାର ୪୯୭ ଜଣ ଟିକା ନେଇସାରିଛନ୍ତି।

### ଦର୍ଶନ ବିଭାଗର ୱେବିନାର

ଢେଙ୍କାନାଳ ଅଫିସ,୧୯।୨
ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଗୁରୁବାର ଅନ୍‌ଲାଇନ ମାଧ୍ୟମରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏହି ୱେବିନାରରେ ଗୀତା ଦର୍ଶନର କର୍ମ ଓ ମୋକ୍ଷ ଉପରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ଦର୍ଶନ ବିଭାଗ ମୁଖ୍ୟ ସାରଦା ପ୍ରସନ୍ନ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ନୟାଗଡ କଲେଜ ଦର୍ଶନ ବିଭାଗ ମୁଖ୍ୟ ପ୍ରମୋଦ କୁମାର ଦାଶ ଗୀତା ଓ କର୍ମବାଦ ଉପରେ ବ୍ୟାଖ୍ୟା କରିଥିଲେ। ସାତମାଇଲ ଜନତା କଲେଜ ପ୍ରାଧ୍ୟାପିକା ବୀଣାପାଣି ତ୍ରିପାଠୀ ଓ ଅଧ୍ୟାପକ ଭୂପେଶ ଚନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ। ଏଥିରେ ବିଭିନ୍ନ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

ସୋର, ୧୯।୨(ଡି.ଏନ୍.ଏ.):ଶନିବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ଦହିସଡ଼ା ନିକଟସ୍ଥ ରାଇସମିଲ୍‌ଠାରେ ଏକ ଟ୍ରକ ପଛରେ ବାଇକ୍ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା ଗ୍ରାମର ଚନ୍ଦନ ସାହୁ (୨୫) ବାଲେଶ୍ୱରରୁ ଫେରୁଥିବା ବେଳେ ଏହି ରାଇସ୍‌ମିଲ ନିକଟରେ ଏକ ଚଳନ୍ତା ଟ୍ରକ ପଛରେ ପିଟି ହୋଇ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଳ୍ପ ସମୟ ପରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଶିମିଳିପାଳରୁ ଦେଶୀ ବନ୍ଧୁକ ଜବତ

ଖୁଣ୍ଟା,୧୯।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ଅଧୀନ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରୁ ବନ କର୍ମଚାରୀମାନେ ଶନିବାର ସନ୍ଧ୍ୟାରେ ଦୁଇ ଦେଶୀ ବନ୍ଧୁକ ଜବତ କରିଛନ୍ତି। ବନକର୍ମଚାରୀମାନେ ଶିକାରୀଙ୍କୁ କାବୁ କରିବା ପୂର୍ବରୁ ସେମାନେ ବନ୍ଧୁକ ଓ ୨ କେଜି କୁଟାରୀ ମାଂସକୁ ଫିଙ୍ଗି ଦେଇ ଚମ୍ପଟ ମାରିଥିଲେ। ସେହିପରି ଅଭୟାରଣ୍ୟ ପାଦଦେଶ ଲନ୍ଧାସାହି ଗ୍ରାମରେ ଶିକାରୀମାନେ ଏକ ୪୦/୫୦ କେଜି ଓଜନର ବାର୍‌ହା ଶିକାର କରି ମାଂସ କାଟୁଥିବା ବେଳେ ବନ କର୍ମଚାରୀ ଚଢ଼ାଉ କରି ମୃତ ବାର୍‌ହାକୁ ଜବତ କରିଥିଲେ। ଶିକାରୀମାନେ ଫେରାର ହୋଇ ଯାଇଥିଲେ।

### ମଇଦାନରେ ଷ୍ଟାର ପ୍ରଚାରକ

ଚମ୍ପୁଆ,୧୯।୨(ଡି.ଏନ.ଏ): କେନ୍ଦୁଝରେ ଜିଲା ଚମ୍ପୁଆ ବ୍ଲକ ୧୩,୧୪ ଓ ୧୫ନଂ. ଜିଲା ପରିଷଦ ଜୋନ୍‌ରେ ଆସନ୍ତା ୨୨ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଜୋନ୍ ଗୁଡିକରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବା ସମ୍ଭାବନା ଦେଖାଦେଇଛି। ବିଜେଡିର ବିଜୟ ପାଇଁ ବାହୁବଳି ନେତା ସନାତନ ମହାକୁଡ଼ ଓ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଦମ ଲଗାଇଦେଇଥିବା ବେଳେ ଭାଜପା ସପକ୍ଷରେ ଷ୍ଟାର ପ୍ରଚାରକ ଭାବେ ପ୍ରଚାର କରିଛନ୍ତି ଓଡ଼ିଆ ଫିଲ୍ମ ଅଭିନେତା ଅଂଶୁମୋଚନ ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଶର୍ମା, ରାଧାକାନ୍ତ ମହାନ୍ତ, ଚମ୍ପୁଆ ଏନ୍ଏସି ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟ, ଅକ୍ଷୟ ଚନ୍ଦ୍ର ନାଏକ, ଭାବଗ୍ରାହୀ ମହାନ୍ତ, ଶଶାଙ୍କ ଶେଖର, ଶ୍ରଦ୍ଧାଞ୍ଜଳି କର ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଷ୍ଠୀ ଭିକ୍ଷା, କର୍ମକର୍ତ୍ତା ମନୋନୟନ

ଢେଙ୍କାନାଳ ଅଫିସ,୧୯।୨

ଢେଙ୍କାନାଳ ଜିଲା ମହିମାଗାଦି ଯୋରନ୍ଦାରେ ୧୦୫ ବର୍ଷ ତଳେ ସିଦ୍ଧ ବଡ଼ କୃପାସିନ୍ଧୁ ବାବାଙ୍କ ଦ୍ୱାରା ପ୍ରତିଷ୍ଠିତ କୌପୀନଧାରୀ ମହିମା ସମାଜର ପ୍ରସିଦ୍ଧ ମାଘମେଳା ପରେ ତଥା ଫାଲଗୁନ କୃଷ୍ଣ ଦ୍ୱିତୀୟା ତିଥିରେ ଶୁକ୍ରବାର ଗୋଷ୍ଠୀ ଭିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୌପୀନଧାରୀ ମହିମା ସମାଜର ମହିମା ସନ୍ନ୍ୟାସୀ, ତ୍ୟାଗୀ, ଭକ୍ତ ଓ ଶୁଭେଚ୍ଛୁମାନେ ଯୋଗଦେଇ ଆତ୍ମସେବା କରିଥିଲେ। ଚଳିତ ୨୦୨୨–୨୩ ବର୍ଷ ପାଇଁ କୌପୀନଧାରୀ ମହିମା ସମାଜ ସଭାପତି ଭାବେ ଶ୍ରୀମଦ ବାବା ରଘୁନାଥ ଦାସ ମନୋନୀତ ହୋଇଥିଲେ। ସେହିପରି ଉପସଭାପତି ସାରଙ୍ଗଧର ବାବା, ସମ୍ପାଦକ ସୁଶାନ୍ତ ବାବା, ସହ ସମ୍ପାଦକ କରୁଣା ବାବା(ଖ), କୋଷାଧ୍ୟକ୍ଷ ଅଭୟ ବାବା ଓ ସହ କୋଷାଧ୍ୟକ୍ଷ ଭାବେ ଦେବେନ୍ଦ୍ର ବାବା ଦାୟିତ୍ୱ ଗ୍ରହଣ କରିଥିଲେ। ଗାଦିସ୍ଥିତ ଅଖଣ୍ଡବତୀ ମନ୍ଦିର ନୀତି ପାଇଁ ଫାଲଗୁନ, ଚୈତ୍ର ମାସରେ ନୀତି ପୂଜକ ଭାବେ ଫକୀର ମୋହନ ବାବା, ବୈଶାଖ ଓ ଜ୍ୟୋଷ୍ଠରେ ଆଦିତ୍ୟ ବାବା, ଆଷାଢ ଓ ଶ୍ରାବଣରେ ବିନୋଦ ବାବା, ଭାଦ୍ରବ ଓ ଆଶ୍ୱୀନରେ ସୁଦର୍ଶନ ବାବା, କାର୍ତ୍ତିକ ଓ ମାର୍ଗଶୀରରେ ମହେନ୍ଦ୍ର ବାବା, ପୌଷ ଓ ମାଘରେ ଅଚ୍ୟୁତାନନ୍ଦ ବାବା ଦାୟିତ୍ୱ ତୁଲାଇବାର ସ୍ଥିର ହୋଇଛି। ସେହିପରି ଜ୍ୟୋତି ମନ୍ଦିର ଦାୟିତ୍ୱରେ ଫାଲଗୁନ ଓ ଚୈତ୍ର ମାସ ପାଇଁ ଫକୀର ବାବା, ବୈଶାଖ ଓ ଜ୍ୟୋଷ୍ଠ ମାସ ପାଇଁ ସୁମନ୍ତ ବାବା, ଆଷାଢ ଓ ଶ୍ରାବଣ ପାଇଁ ସନକ ବାବା, ଭାଦ୍ରବ ଓ ଆଶ୍ୱିନ ପାଇଁ ବୀରବର ବାବା, କର୍ତ୍ତିକ ଓ ମାର୍ଗଶୀର ପାଇଁ ମଦନ ବାବା, ପୌଷ ଓ ମାଘ ପାଇଁ ବନମାଳୀ ବାବା ଦାୟିତ୍ୱ ନେବା ନିମନ୍ତେ ସ୍ଥିର ହୋଇଛି। ସହଯୋଗୀ ନୀତି ପୂଜକ ଭାବେ ତ୍ୟାଗୀ କନ୍ଦର୍ପ ଦାସ, ପରମା ଦାସ, ଧରମା ଦାସ, ଗୋପବନ୍ଧୁ ଦାସ, ଅଲେଖ ଦାସ, ଗୁଣନିଧି ଦାସ ଓ ସୁଦର୍ଶନ ଦାସ ରହିବାକୁ ସ୍ଥିର ହୋଇଛି। ସାମଗ୍ରୀକ ପରିଚାଳନା ଦାୟିତ୍ୱରେ କରୁଣାକର ବାବା(କ), ଲାଲମୋହନ ବାବା, ବିଶେଶ୍ୱର ବାବା, ଦାଶରଥି ବାବା, ସନ୍ନ୍ୟାସୀ ବାବା, ବିରଞ୍ଚି ବାବା, ବୀଣାକାର ବାବା, ଶଙ୍କର ବାବା ଓ କରୁଣା ବାବା(ଖ) ରହିବେ। ଆସାମ ରାଜ୍ୟ ପାଇଁ କୌପିନଧାରୀ ମହିମା ସମାଜର ମୁଖ୍ୟ ସଂଯୋଜକ ଭାବେ ଅରୂପ ବାବା କାର୍ଯ୍ୟ କରିବେ। ଆସନ୍ତା ମାର୍ଚ୍ଚ ୧୨ ତାରିଖ ଫାଲଗୁନ ଶୁକ୍ଳ ଦଶମୀ ତିଥିରେ ଆସାମରେ ହେଉଥିବା ମେଳା ପାଇଁ ଅରୂପ ବାବାଙ୍କ ସହ ସୁରଥ ବାବା ଓ କ୍ଷେତ୍ରବାସୀ ବାବା ଆସାମ ଯାତ୍ରା କରିବେ। ସେହିପରି ଆନ୍ଧ୍ର ପାଇଁ ଦେବେନ୍ଦ୍ର ବାବା ମୁଖ୍ୟ ସଂଯୋଜକ ଭାବେ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି।


କୌପୀନଧାରୀ ମହିମା ସମାଜ କର୍ମକର୍ତ୍ତା ମଣ୍ଡଳୀ।

# 'ଆଭାସୀ ପାଠଚକ୍ର ଏକ ଅଭିନବ ପ୍ରୟାସ'

ଢେଙ୍କାନାଳ ଅଫିସ,୧୯।୨

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଭବିଷ୍ୟତ ବୈଜ୍ଞାନିକମାନଙ୍କ ପାଇଁ 'ସ୍ପେକ୍ଟ୍ରୋସ୍କୋପିର ମୌଳିକ ଜ୍ଞାନ' ଶୀର୍ଷକ ଏକ ଆଭାସୀ ଜାତୀୟ ପାଠଚକ୍ର ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରି କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ କହିଲେ, ସ୍ନାତକ ଶ୍ରେଣୀର ପାଠ୍ୟକ୍ରମରେ ଥିବା ଜଟିଳ ବିଷୟ ଉପରେ ଆଭାଷୀ ଜାତୀୟ ପାଠଚକ୍ର ବର୍ତ୍ତମାନର ମହାମାରୀ କାଳରେ ଏକ ଅଭିନବ ପ୍ରୟାସ। ଏହା ଅଗଣିତ ସ୍ନାତକ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଉପକୃତ କରିବ। ଏହି ଅବସରରେ ଆଭାଷୀ ବକ୍ତୃତା ଅନୁକ୍ରମିକା ଉଦ୍‌ଘାଟିତ ହୋଇଥିଲା। ଏହି ପାଠ୍ୟଚକ୍ରରେ ଦେଶର ୬ଜଣ ବିଶିଷ୍ଟ ବୈଜ୍ଞାନିକ ତଥା ଆଇଆଇଟି ମାଡ୍ରାସର ପ୍ରଫେସର ଅଶୋକ କୁମାର ମିଶ୍ର, ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଶରତ କୁମାର ସ୍ୱାଇଁ, ରେଭେନ୍ସା କଲେଜର ପୂର୍ବତନ ପ୍ରାଧ୍ୟାପକ ଡ. ସୁଧାଂଶୁ ଶେଖର ତ୍ରିପାଠୀ, ଝାଡଖଣ୍ଡସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ପାର୍ଥ ଘୋଷ, ନାଇଜର ଭୁବନେଶ୍ୱରର ପ୍ରାଧ୍ୟାପକ ଡ. ହିମାଂଶୁ ଶେଖର ବିଶ୍ୱାଳ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ଡ. ସିଦ୍ଧାର୍ଥ କେଶବ ଭରଦ୍ୱାଜ ପ୍ରମୁଖ ସ୍ପେକ୍ଟ୍ରୋସ୍କୋପିର ଜଟିଳ ତଥ୍ୟକୁ ଅତି ସରଳ ଭାଷାରେ ଛାତ୍ରୀଛାତ୍ର ମାନଙ୍କୁ ବୁଝାଇଥିଲେ। ବିଭାଗର ମୁଖ୍ୟ ଡ. ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଫେସର ଜୟଦେବ ପାଢ଼ୀ ଓ ଡ. ସୁରେଖା ବଳିଆରସିଂ ଦ୍ୱିତୀୟ ଏବଂ ତୃତୀୟ ଅଧିବେସନରେ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଶଶଧର ସାମଲ ସମୀକ୍ଷା କରିଥିଲେ। ଏହି ଆଭାଷୀ ପାଠ୍ୟଚକ୍ରରେ ଦେଶର ୩୦୦ରୁ ଅଧିକ ଛାତ୍ରୀଛାତ୍ର ଓ ଅଧ୍ୟାପକ ଭାଗ ନେଇଥିଲେ। ମହାବିଦ୍ୟାଳୟ ଡ. ପ୍ରଶାନ୍ତ କୁମାର ପରିଡ଼ା, ଡ. ସଞ୍ଜିତ ମହାପାତ୍ର, ଡ. ଦେବରାଜ ପରିଡ଼ା, ଡ. ରଜନୀକାନ୍ତ ଝୁଣ୍ଟିଆ, ଦିଲୀପ କୁମାର ନାୟକ ଓ ପବିତ୍ର ବେହେରା ଏଥିରେ ସହାୟତା କରିଥିଲେ।

# ବିଡିଓଙ୍କୁ ଘେରିଲା ଭାଜପା

ତାଳଚେର,୧୯।୨(ନି.ପ୍ର.)

ତାଳଚେର ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଡିଓଙ୍କ ନିର୍ଦ୍ଦେଶରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଜରିଆରେ ବିଜେଡି ପାଇଁ ପ୍ରଚାର କରାଯାଉଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇ ଶନିବାର ବିଡିଓଙ୍କୁ ଘେରାଉ କରାଯାଇଥିଲା। ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ରାଜ୍ୟ ସମ୍ପାଦକ ସାମଲ କହିଛନ୍ତି, ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀମାନେ ବୈଠକ କରିବା ସହ ବିଜେଡି ନେତାମାନଙ୍କୁ ଡାକି ପ୍ରଚାର କରୁଛନ୍ତି। ଉକ୍ତ ବୈଠକ ଗୁଡ଼ିକର ଫୋଟୋ ନିର୍ବାଚନ କମିଶନଙ୍କୁ ଦିଆଯିବ। ଦୀର୍ଘ ୪ଘଣ୍ଟା ଧରି ବିଡିଓଙ୍କୁ ଘେରାଉ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଯୁବମୋର୍ଚ୍ଚା ପ୍ରଭାରୀ ଯଯାତି ପଟ୍ଟନାୟକ, ଜିଲା ମିଡିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ଲିଗାଲ ସେଲ ଅଧ୍ୟକ୍ଷ ପେସ୍କାର ଗଡନାୟକ, ବରିଷ୍ଠ ନେତା ଅଖିଳ ସାମଲ, ଉଚ୍ଛନ ପଟ୍ଟନାୟକ, ଅର୍ଜୁନ ଭୂତିଆ, ବରୁଣ ସାହୁ, ଶଙ୍କର ବେହେରା, ଜିତେନ୍ଦ୍ର ଦାସ, ଜ୍ଞାନେନ୍ଦ୍ରୀୟ ସେଠୀ, କାଳନ୍ଦୀ ପ୍ରଧାନ, ବାଲ୍ମୀକି ପ୍ରସାଦ କେଶରୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ।

# ଅଙ୍ଗନୱାଡି କର୍ମୀଙ୍କ ସହ ୨ ଗିରଫ

**■ ମହୁଲି ମଦ କାରଖାନାରେ ଅବକାରୀ ଚଢ଼ାଉ**

**ପାଟଣା,୧୯।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ଅନ୍ତର୍ଗତ ଚିନାମାଳୀପଶି ପଞ୍ଚାୟତ ନୂଆପଡ଼ା ଗ୍ରାମସ୍ଥିତ ସୀତା ନଦୀ କୂଳରେ ଚାଲିଥିବା ବେଆଇନ ମଦ କାରଖାନାରେ ଶନିବାର ପାଟଣା ଓ ଘଟଗାଁ ଅବକାରୀ ବିଭାଗ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଙ୍ଗନୱାଡି କର୍ମୀ ଶିବାନୀ ମାଝିଙ୍କ ସହ ବାସନ୍ତୀ ମାଝି ଓ ସଞ୍ଜୟ ମୁର୍ମୁ। ସେମାନଙ୍କଠାରୁ ୧୧୨ ଲିଟର ମହୁଲି ମଦ ଜବତ ହୋଇଥିବା ବେଳେ ୧୨୦୦ କିଲୋ ପୋଚ ନଷ୍ଟ କରାଯାଇଛି। ଏହି ଚଢ଼ାଉରେ ପାଟଣା ଅବକାରୀ ଅଧିକାରୀ ଜନାର୍ଦ୍ଦନ ପଲେଇ ଓ ଘଟଗାଁ ଅବକାରୀ ଅଧିକାରୀ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ବ୍ରାହ୍ମଣୀକୁ ଖସିପଡ଼ିଲା ଟ୍ରେଲର

ଢେଙ୍କାନାଳ ଅଫିସ,୧୯।୨

ଢେଙ୍କାନାଳ–କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ ଓ କମଗରା ମଧ୍ୟରେ ଥିବା ସାରଙ୍ଗଧର ସେତୁ ଉପରୁ ଶନିବାର ଭୋର୍ ସମୟରେ ଏକ ଲୁହା ପ୍ଲେଟ ବୋଝେଇ ଟ୍ରେଲର ବ୍ରାହ୍ମଣୀ ନଦୀ ଭିତରକୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ଗାଡ଼ିରେ ଥିବା ବିଦ୍ୟୁତ୍ ମିସ୍ତ୍ରି ଅନୁଗୋଳ ଜିଲା ବନ୍ତଳା ଥାନା ମଧୁପୁର ଅଞ୍ଚଳର ଅନିଲ ଓରଫ ବିଶ୍ୱରଞ୍ଜନ ପ୍ରଧାନଙ୍କ ମୃତ୍ୟୁ ହୋଇଛି। ଗାଡ଼ି ଚାଳକ ଦେବଗଡ ଜିଲାର ମିଥୁନ ପ୍ରଧାନ(୪୨) ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ଅନୁଗୋଳସ୍ଥିତ ଏକ ପ୍ଲାଣ୍ଟରୁ ୬୦ ଟନ୍ ଲୁହାପ୍ଲେଟ୍ ନେଇ ଏକ ୨୨ ଚକିଆ ଟ୍ରେଲର ଢେଙ୍କାନାଳ–କାମାକ୍ଷାନଗର ରାସ୍ତା ଦେଇ ଯାଜପୁର ଜିଲା ଡୁବୁରିକୁ ଯାଉଥିଲା। ଭୋର୍ ସମୟରେ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଟ୍ରେଲରଟି ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ବ୍ରାହ୍ମଣୀ ନଦୀର କମଗରା ଘାଟ ନିକଟରେ ପୋଲର କଂକ୍ରିଟ ବାଡ଼ ଭାଙ୍ଗି ପାଣିକୁ ଖସି ପଡିଥିଲା। ଟ୍ରେଲର ସମ୍ମୁଖ ଭାଗ ଗଭୀର ପାଣିରେ ବୁଡି ଯାଇଥିଲା। ଦୁର୍ଘଟଣା ଯୋଗୁ ସେତୁ ଉପରେ ଲାଗିଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକ ମଧ୍ୟ ଉପୁଡି ପଡ଼ିଥିଲା। ଖବରପାଇ ତୁମୁସିଙ୍ଗା ଥାନା ଓ ପଣ୍ଡୁଆ ଫାଣ୍ଡି ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରେଲରରେ ଥିବା ଚାଳକ ଓ ବିଦ୍ୟୁତ୍ ମିସ୍ତ୍ରିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।


ସାରଙ୍ଗଧର ସେତୁ ଉପରୁ ବ୍ରାହ୍ମଣୀ ନଦୀକୁ ଖସି ପଡ଼ିଥିବା ଟ୍ରେଲର।

**ବିଦ୍ୟୁତ୍ ମିସ୍ତ୍ରି ମୃତ, ଚାଳକ ଗୁରୁତର**

# ପୁତୁଲପାଣି ଛକରେ ସିରିଜ୍ ଦୁର୍ଘଟଣା

କେନ୍ଦୁଝର,୧୯।୨(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ପୁତୁଲପାଣି ଛକ ନିକଟରେ ଶନିବାର ସିରିଜ୍ ଦୁର୍ଘଟଣା ଘଟିଛି। ଏକାଧିକ ଟ୍ରକ୍ ପଛକୁ ପଛ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଜଣେ ଚାଳକ ଆହତ ହୋଇଛନ୍ତି। ସକାଳେ ଉକ୍ତ ଛକ ସ୍ଥିତ ରାସ୍ତା ଉପରେ ଏକ ଟ୍ରକ୍ ପାର୍କିଂ କରିଥିବାବେଳେ ପଛପଟୁ ଅନ୍ୟ ଏକ ଟ୍ରକ୍ ପିଟି ହୋଇଯାଇଥିଲା। ସେହିପରି ପଛରେ ଆସୁଥିବା ଅନ୍ୟ ଏକ ଟ୍ରକ୍ ହଠାତ୍ ବ୍ରେକ୍ ଦେବାରୁ ରାସ୍ତା କଡ଼ ସୁରକ୍ଷା ବାଡ଼ରେ ପିଟି ହୋଇଥିଲା। ସୂଚନାଯୋଗ୍ୟ, ଉକ୍ତ ସ୍ଥାନରେ ରାସ୍ତା ଉପରେ ବେଆଇନ ଟ୍ରକ୍ ପାର୍କିଂ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ହେଁ ପ୍ରତିକାର କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୌହ ଖଣିକୁ ଶତାଧିକ ଟ୍ରକ୍ ଲୁହାପଥର ନେବା ଆଣିବା ପାଇଁ ଆସୁଥିଲେ ହେଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଠିଆହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଫଳରେ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥରେ ତିନି ଚାରି ଲାଇନ କରି ଟ୍ରକ୍ ଛିଡ଼ା ହୋଇ ରହୁଥିବାରୁ ଅନେକ ସମୟରେ ଗାଡ଼ି ଜାମ୍ ରହି ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି। ଉକ୍ତ ସ୍ଥାନଟି ହାତୀଙ୍କ ଯାତାୟତ ପଥ ହୋଇଥିବାରୁ ବହୁ ସଂଖ୍ୟାରେ ଟ୍ରକ୍ ଜାତୀୟ ରାଜପଥରେ ଛିଡ଼ା ହୋଇ ଅସୁବିଧା ସୃଷ୍ଟି କରୁଛନ୍ତି। ତୁରନ୍ତ ଏହାର ପ୍ରତିକାର କରିବାକୁ ଦାବି ହେଉଛି।

# ହାଇକୋର୍ଟ ବିଚାରପତିଙ୍କ ବାରିପଦା ଗସ୍ତ

ବାରିପଦା ଅଫିସ, ୧୯।୨

ହାଇକୋର୍ଟ ଦୁଇ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଓ ଦେବବ୍ରତ ଦାଶ ଶନିବାର ମୟୂରଭଞ୍ଜ ଜିଲା ବାରିପଦା ଗସ୍ତରେ ଆସି କୋର୍ଟ ଗୃହ ନିର୍ମାଣ ନେଇ ଓକିଲ ସଂଘ ସହିତ ଆଲୋଚନା କରିଛନ୍ତି। କୋର୍ଟ ପରିସରରେ ଚାଲି ରହିଥିବା ସଂଲଗ୍ନ ସ୍ଥାନ ପାଇଁ ଓକିଲ ସଂଘ ପକ୍ଷରୁ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବା ପରେ ନୂତନ କୋର୍ଟ ଗୃହ ନିର୍ମାଣ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ। ବିଚାରପତିଙ୍କ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ କରାଯିବା ସହ ଆସନ୍ତା ସୋମବାର ଓକିଲମାନେ କାର୍ଯ୍ୟରେ ଯୋଗଦେବେ ବୋଲି ଜିଲା ଓକିଲ ସଂଘ ବାରିପଦାର ସମ୍ପାଦକ ବସନ୍ତ କୁମାର ଭୋଳ ପ୍ରକାଶ କରିଛନ୍ତି।

ନୂତନ କୋର୍ଟ ଗୃହ ନିର୍ମାଣ ନେଇ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଆଭାସୀ ମାଧ୍ୟମରେ ହାଇକୋର୍ଟ ବିଚାରପତି ଓ ଓକିଲ ସଂଘ ପକ୍ଷରୁ ଏକ ବୈଠକ ହୋଇଥିଲା। ଶନିବାର ବାରିପଦା ଗସ୍ତରେ ଯାଇ ତଦନ୍ତ ପୂର୍ବକ ସମୀକ୍ଷା କରିବା ପରେ ନିଷ୍ପତ୍ତି ନିଆଯାଇଥିଲା। ହାଇକୋର୍ଟ ବିଚାରପତି ପୂଜାହାରୀ, ବିଚାରପତି ଦାଶ ଏବଂ ଜିଲାଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ବାରିପଦା କୋର୍ଟ ପରିସରରେ ପହଞ୍ଚିଥିଲେ। ଆଇନଜୀବୀଙ୍କ ଗହଣରେ କୋର୍ଟ ପରିସର ପରିଦର୍ଶନ କରିଛନ୍ତି। ପରେ ସଂଘ ସଭାଗୃହରେ ଜିଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସାଙ୍କ ସମେତ ସଦସ୍ୟଙ୍କ ସହ ଆଲୋଚନା କରାଯାଇଥିଲା। ନୂତନ କୋର୍ଟ ଗୃହ କେଉଁଠାରେ ସ୍ଥାପନ କରାଯିବ ସେନେଇ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ ବୋଲି ମୁଖ୍ୟ ବିଚାରପତି ପ୍ରକାଶ କରିଥିଲେ। ଏଡିଆର କକ୍ଷରେ ସଂଘର ପ୍ରତିନିଧି ଦଳଙ୍କ ସହ ଗୃହ ନିର୍ମାଣକୁ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଛି। ସଂଘ ଉପସଭାପତି ସୁଜାତା ମିଶ୍ର, ସହସମ୍ପାଦକ ସ୍ୱରୂପ କୁମାର ମିଶ୍ର, ସଦସ୍ୟ କୈଳାସ ପ୍ରସାଦ ସାହୁଙ୍କ ସମେତ ସଦସ୍ୟମାନେ ଅଂଶଗ୍ରହଣ କରଛନ୍ତି।


ବାରିପଦା ଗସ୍ତରେ ଆସିଥିବା ହାଇକୋର୍ଟ ବିଚାରପତି କୋର୍ଟ ପରିସର ପରିଦର୍ଶନ କରୁଛନ୍ତି।

# ନାଲ୍‌କୋ ଘରୋଇକରଣ ନିଷ୍ପତ୍ତି ପ୍ରତ୍ୟାହାର ଲାଗି ମୋଦିଙ୍କୁ ପତ୍ର ଲେଖିଲେ ଡି. ରାଜା

ନୂଆଦିଲ୍ଲୀ,୧୯।୨(ପି.ଟି.)

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିଃ (ନାଲ୍‌କୋ) ଘରୋଇକରଣ ଲାଗି ସରକାର ନେଇଥିବା ନିଷ୍ପତ୍ତି ପ୍ରତ୍ୟାହାର ଲାଗି ଅନୁରୋଧ କରି ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଘରୋଇକରଣ ନିଷ୍ପତ୍ତିକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନାଲ୍‌କୋରୁ ୧୦୦ ପ୍ରତିଶତ ପୁଞ୍ଜି ପ୍ରତ୍ୟାହାର କରି ଏହାକୁ ଘରୋଇକରଣ କରିବା ଲାଗି ସରକାରଙ୍କ ବିନାଶକାରୀ ଯୋଜନାକୁ ସିପିଆଇ ଦୃଢ଼ ବିରୋଧ କରୁଛି ବୋଲି ଡି. ରାଜା ତାଙ୍କ ପତ୍ରରେ ଲେଖିଛନ୍ତି।

୧୯୮୧ରେ ପ୍ରତିଷ୍ଠିତ ନାଲ୍‌କୋ ଖଣି ମନ୍ତ୍ରଣାଳୟ ଅଧୀନରେ ଏକ ନବରତ୍ନ କମ୍ପାନୀ ଏବଂ ଶୀର୍ଷ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ସିପିଏସ୍‌ଇ)। ୪୦ ବର୍ଷ ହେଲା ଏହା ଉଚ୍ଚମାନର ଆଲୁମିନା ଓ ଆଲୁମିନିୟମ ଉତ୍ପାଦନ ଓ ରପ୍ତାନି କରିଆସୁଛି। ଉତ୍ପାଦନ, ଉନ୍ନତ ପଯୁକ୍ତି ଆଦିରେ ଏହାର ଟ୍ରାକ୍ ରେକର୍ଡ ଭଲ ରହିଆସିଛି। ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନବିରୋଧୀ ନିଷ୍ପତ୍ତି କାରଖାନାର କର୍ମଚାରୀମାନଙ୍କୁ ଅସନ୍ତୁଷ୍ଟ କରିଛି। ତେଣୁ ଦେଶ, କର୍ମଚାରୀ ତଥା ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନାଲ୍‌କୋ ଘରୋଇକରଣ ନିଷ୍ପତ୍ତି ପ୍ରତ୍ୟାହାର ଲାଗି ପ୍ରଧାନମନ୍ତ୍ରୀ ବିଚାର କରିବା ନିମନ୍ତେ ଡି. ରାଜା ଅନୁରୋଧ କରିଛନ୍ତି ଓ ଏଦିଗରେ ସକାରାତ୍ମକ ପଦକ୍ଷେପ ନିଆଯିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, କ୍ଷତିରେ ଚାଲୁଥିବା ଏୟାର ଇଣ୍ଡିଆକୁ ସରକାର ଟାଟା ଗ୍ରୁପ୍‌କୁ ବିକ୍ରି କରିବା ପରେ ଏଲ୍‌ଆଇସିରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ଯାଉଛନ୍ତି। ଏଥିସହିତ ନାଲକୋ ଏବଂ ହିନ୍ଦୁସ୍ତାନ କପର ଲିମିଟେଡ୍ (ଏଚ୍‌ସିଏଲ୍)ରୁ ପୁଞ୍ଜି ପ୍ରତ୍ୟାହାର କରିନେବା ପାଇଁ ସରକାର ଯୋଜନା ଚଳାଇଥିବା ଜଣାପଡ଼ିଛି। ନାଲ୍‌କୋରେ କେନ୍ଦ୍ର ସରକାରଙ୍କର ୫୧.୫ ପ୍ରତିଶତ ଅଂଶଧନ ରହିଛି।



# ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତା ପାଇଁ ରାଉରକେଲା ସ୍ମାର୍ଟ ସିଟି ସମ୍ବର୍ଦ୍ଧିତ

ରାଉରକେଲା ଅଫିସ,୧୯।୨

ଭାରତ ସରକାରଙ୍କ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡକୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୧୬ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶକ୍ତି, ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରୀ ରାଜକୁମାର ସିଂ, କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ଏବଂ ସାର ଓ ରସାୟନ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଭଗବନ୍ତ ଖୁବାଙ୍କଠାରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ରାଉରକେଲା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର ଏହି ସମ୍ବର୍ଦ୍ଧନା ଗ୍ରହଣ କରିଛନ୍ତି। ସୌରଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେଇ ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତା ପ୍ରତିପାଦନ କରିଥିବାରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌କୁ ଏହି ସଫଳତା ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟର ସଚିବ ଇନ୍ଦୁ ଶେଖର ଚତୁର୍ବେଦୀ, କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ସଚିବ ଆଲୋକ କୁମାର, କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦିନେଶ ଡି. ଜଗଦଲେ ଏବଂ ଶକ୍ତି, ପରିବେଶ ଓ ଜଳ ପରିଷଦର ପ୍ରତିଷ୍ଠାତା ସିଇଓ ଡକ୍ଟର ଅରୁଣାଭ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଶକ୍ତି କ୍ଷେତ୍ର ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ଦେଶର ବିଭିନ୍ନ ସ୍ମାର୍ଟସିଟି ମିଳିତ ଜାତିସଂଘ ଏବଂ କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ନିକଟରେ ନିଜ ନିଜର ପ୍ରସ୍ତାବ ରଖିଥିଲେ। ଏଥିରେ ଅନ୍ତର୍ଭୁକ୍ତ ପ୍ରସ୍ତାବଗୁଡିକ ମଧ୍ୟରେ ଦେଶର ଅନ୍ୟ ୫ଟି ସ୍ମାର୍ଟସିଟି ସମେତ ରାଉରକେଲା ପ୍ରଶଂସିତ ହୋଇଛି। ୨୦୩୦ ସୁଦ୍ଧା ରାଉରକେଲା ସ୍ୱଚ୍ଛ ଶକ୍ତି ଉତ୍ସରୁ ୩୦ ପ୍ରତିଶତ ଶକ୍ତି ସଂଗ୍ରହ ଲକ୍ଷ୍ୟ ରଖି ମିଳିତ ଜାତିସଂଘ ନିକଟରେ ପ୍ରସ୍ତାବ ଦାଖଲ କରିଥିଲା। ଏହି ଲକ୍ଷ୍ୟ ହାସଲ ପାଇଁ ରାଉରକେଲା ସହରର ସୌରୀକରଣ ଉପରେ ଗୁରୁତ୍ୱ ଦିଆଯାଇଆସୁଛି। ସହରବାସୀ କିଭଳି ଅଧିକରୁ ଅଧିକ ସଂଖ୍ୟାରେ ଏହି ଅକ୍ଷୟ ଶକ୍ତିର ବ୍ୟବହାର କରିବେ, ସେଥିଲାଗି ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି ବୋଲି ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ପକ୍ଷରୁ କୁହାଯାଇଛି।


ରାଉରକେଲା ମହାନଗର ନିଗମ କମିଶନର ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଟଙ୍କା ବଣ୍ଟନ ବେଳେ ଗଣ୍ଡଗୋଳ

ବଇଣ୍ଡା,୧୯।୨(ଡି.ଏନ.ଏ.) ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟାପଢୋଲ ଗ୍ରାମରେ ଗୁରୁବାର ରାତିରେ ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଟାପଢୋଲ ଗ୍ରାମର ଅରୁଣ ସାହୁ, ଘାସିରାମ ନାୟକ, ଦିବ୍ୟରଞ୍ଜନ ପ୍ରଧାନ, କୁସୁମଦର ଗ୍ରାମର ମଧୁ ପ୍ରଧାନ ବିଳମ୍ବିତ ରାତିରେ ଏକ ଗାଡ଼ିରେ ଆସି ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବାବେଳେ ସେହି ଗ୍ରାମର ବିକ୍ରମ ସାହୁ ବିରୋଧ କରିଥିଲେ। ଏହି ସମୟରେ ସମ୍ପୃକ୍ତ ୪ ଜଣ ବିକ୍ରମଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ବିକ୍ରମ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟେ ଦିବ୍ୟରଞ୍ଜନ ଏକ ପାଲଟା ଅଭିଯୋଗରେ ଦର୍ଶାଇଛନ୍ତି, ସହଯୋଗୀଙ୍କ ସହ ସେ ପ୍ରଚାର କରୁଥିବାବେଳେ ଟାପଢ଼ୋଲ ଗ୍ରାମର ଲକ୍ଷ୍ମୀଧର ଦେହୁରୀ, ବିକ୍ରମ ସାହୁ, ଶ୍ରୀଧର ଦେହୁରୀ, ସୁଶାନ୍ତ ପ୍ରଧାନ, ଲିପୁ ସାହୁ, ଚନ୍ଦ୍ରମଣି ବିଶ୍ୱାଳ, କୁମୁନ୍ଦ ଚନ୍ଦ୍ର ସାହୁ, ବିଜୟ ମହାକୁଡ, ପ୍ରମୋଦ କୁମାର ସାହୁ, ଯଦୁମଣି ସାହୁ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଉଲ୍ଲେଖ କରିଛନ୍ତି।

### ୩ ପଜିଟିଭ୍ ଚିହ୍ନଟ

ଢେଙ୍କାନାଳ ଅଫିସ,୧୯।୨
ଢେଙ୍କାନାଳ ଜିଲାରୁ ଶନିବାର ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୭୬୮ ଜଣଙ୍କ ଟେଷ୍ଟ କରାଯାଇଥିବା ବେଳେ ୩ ଜଣ ପଜିଟିଭ୍ ବାହାରିଥିଲେ। ଏହାକୁ ମିଶାଇ ଜିଲାରେ ମୋଟ୍ ୬ ଲକ୍ଷ ୭୪ ହଜାର ୬୮୫ ନମୁନା ଟେଷ୍ଟ କରାଯାଇଛି। ସେହିପରି ମୋଟ ଆକ୍ରାନ୍ତ ସଂଖ୍ୟା ୨୨ ହଜାର ୩୩୦ରେ ପହଞ୍ଚିଛି। ସେଥିରୁ ୨୧ ହଜାର ୯୫୬ ସୁସ୍ଥ ହୋଇସାରିଛନ୍ତି। ବର୍ତ୍ତମାନ ୧୦୩ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି। ଜିଲାରେ ୨୬୨ ଜଣଙ୍କ ମୃତ୍ୟୁ ହୋଇଛି। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଜିଲାର ସଦର ବ୍ଲକରୁ ୨ ଓ ଗଁଦିଆରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨୧ ଜଣ ସୁସ୍ଥ ହୋଇଛନ୍ତି।

### ମୃତକଙ୍କ ନାମରେ ଦିଆଯାଇଛି ଭୋଟ

#### ଉପଜିଲାପାଳଙ୍କୁ ଅଭିଯୋଗ

ହିନ୍ଦୋଳ,୧୯।୨(ଡି.ଏନ.ଏ.)
ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକରେ ଶୁକ୍ରବାର ଥିଲା ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ। ତେବେ ଏହି ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ୧୦ ନଂ ବୁଥ୍‌ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ବୁଥ୍‌ରେ ମୃତ ଲୋକଙ୍କ ନାମରେ ଭୋଟ ପ୍ରଦାନ କରାଯାଇଥିବା ନେଇ ଶନିବାର ସରପଞ୍ଚ ପ୍ରାର୍ଥିନୀ ମମତା ସେନାପତି ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଉଦୟ କୁମାର ମହାପାତ୍ରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମମତା କହିଛନ୍ତି, ଘଟଣା ଦିନ କଣ୍ଟାବଣିଆ ଥାନା ଅଧିକାରୀଙ୍କୁ ଜଣାଇଥିଲେ ହେଁ ପୋଲିସ କୌଣସି



ପଦକ୍ଷେପ ନେଇ ନ ଥିଲା। ତେଣୁ ପୁନର୍ବାର ଉକ୍ତ ବୁଥ୍‌ରେ ଭୋଟ ଗ୍ରହଣ କରିବାକୁ ମମତା ଦାବି କରିଛନ୍ତି। ନଚେତ କୋର୍ଟର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ମାଧପୁର,୧୯।୨- ଆଠମଲ୍ଲିକ ବ୍ଲକ ମାଧପୁର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ନବ କୁମାର ପ୍ରଧାନ (୬୫)ଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ରାତିରେ ଅଧିକ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଖବରକାଗଜ ବିତରକଙ୍କ ବିୟୋଗ

ହିନ୍ଦୋଳ,୧୯।୨(ଡି.ଏନ.ଏ.)
ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍ଏସିର ଖବରକାଗଜ ବିତରକ ରତ୍ନାକର ବେହେରା(୪୮)ଙ୍କ ଶନିବାର ଉପଖଣ୍ଡ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ରତ୍ନାକର ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ହିନ୍ଦୋଳ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ବିଶେଶ୍ୱର ସେଠୀ, କାଉନସିଲର ଦିଲୀପ ବେହେରା, ତପନ ପରିଡ଼ା, ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକ, ରବିନାରାୟଣ ପଟ୍ଟନାୟକ, ଦୁଷ୍ମନ୍ତ ମିଶ୍ର ପ୍ରମୁଖ ରତ୍ନାକରଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମତଦାନ କରିବାକୁ ମତଦାତା ଉତ୍ସାହୀ

ବଇଣ୍ଡା/ ଖମାର,୧୯।୨(ଡି.ଏନ.ଏ.)



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ୨୦ ତାରିଖ ରବିବାର ଅନୁଗୋଳ ଜିଲାର ଆଠମଲ୍ଲିକ ଓ ପାଲଲହଡ଼ା ବ୍ଲକରେ ଅନୁଷ୍ଠିତ ହେବ। ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍ ଏବଂ ପାଲଲହଡ଼ା ବ୍ଲକର ୨୭ ପଞ୍ଚାୟତ ସହ ୩ ଜିଲା ପରିଷଦ ଜୋନ୍‌ରେ ମତଦାନ କରାଯିବ। ଏଥିପାଇଁ ଉଭୟ ବ୍ଲକରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ମତଦାନ ପାଇଁ ମତଦାତାମାନେ ଅତ୍ୟନ୍ତ ଉତ୍ସାହୀ ଥିବା ଜଣାପଡ଼ିଛି।

ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତରେ ମୋଟ୍ ୮୩ ହଜାର ୫୧୫ ଭୋଟର ଥିବା ବେଳେ ୩୧୯ ବୁଥ୍ କରାଯାଇଛି। ସେଥିରୁ ୫୪ ବୁଥ୍ ସମ୍ବେଦନଶୀଳ ଚିହ୍ନଟ ହୋଇଛି। ବୁଥ୍‌ଗୁଡ଼ିକରେ ୩୭୦ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ଆଉ ୫୧ ଜଣଙ୍କୁ ରିଜର୍ଭରେ ରଖାଯାଇଛି। ଶନିବାର ସମସ୍ତ ପ୍ରିଜାଇଡିଂ ଅଫିସର ଆଠମଲ୍ଲିକ ନିର୍ବାଚନ ଅଧିକାରୀଙ୍କ ନିକଟରେ ପହଞ୍ଚିବା ପରେ ସେମାନଙ୍କୁ

- ଆଜି ଆଠମଲ୍ଲିକ, ପାଲଲହଡ଼ା ବ୍ଲକରେ ଭୋଟ
- ୫୧ ପଞ୍ଚାୟତ, ୬ ଜିଲା ପରିଷଦ ଜୋନ୍‌ରେ ପ୍ରସ୍ତୁତି ଶେଷ

ନିର୍ବାଚନ ସାମଗ୍ରୀ ସହ ନିଜ ନିଜ ବୁଥ୍‌କୁ ପଠାଇ ଦିଆଯାଇଛି। ଆଠମଲ୍ଲିକ ବ୍ଲକର ୩ଟି ଜିଲା ପରିଷଦ ଜୋନ୍‌ରେ ୯ ପ୍ରାର୍ଥୀ ରହିଛନ୍ତି। ସେହିପରି ୨୪ ପଞ୍ଚାୟତରେ ୮୧ ସରପଞ୍ଚ ପ୍ରାର୍ଥୀ, ୬୬ ସମିତିସଭ୍ୟ ପ୍ରାର୍ଥୀ, ୫୨୮ ୱାର୍ଡମେମ୍ବର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶୁକ୍ରବାର ପ୍ରଚାର କାର୍ଯ୍ୟ ଶେଷ ହୋଇଥିବା ବେଳେ ରବିବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ବୁଥ୍‌ଗୁଡିକରେ ଶାନ୍ତି ଶୃଙ୍ଖଳାର ସହ ଭୋଟ ପାଇଁ ଉପଖଣ୍ଡ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୧୩ଟି ମୋବାଇଲ ପାର୍ଟି ନିୟୋଜିତ କରାଯାଇଛି। ସୁପରଭାଇଜ ପାଇଁ ୫ ମୋବାଇଲ ପାର୍ଟି ଗଠନ ହୋଇଛି। ୬ ଜଣ ଅଫିସର, ୧୪୫ କନଷ୍ଟେବଲ, ୧୫୦ ହୋମଗାର୍ଡ, ୮୯ ଗ୍ରାମରକ୍ଷୀ ନିଯୁକ୍ତ କରାଯାଇଛି। ନିର୍ବାଚନ ପରିଚାଳନା ନିମନ୍ତେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କମିଟି ସହ ୬ ଜଣଙ୍କୁ ମାଜିଷ୍ଟ୍ରେଟ ଭାବେ ନିୟୋଜିତ କରାଯାଇଛି। ଆଠମଲ୍ଲିକ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଲଳିତ ମୋହନ ବେହେରା କହିଛନ୍ତି, ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ କରାଯାଇଛି। ସମସ୍ତ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ନିୟୋଜିତ ଅଛନ୍ତି। ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ କହିଛନ୍ତି, ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି। ଶାନ୍ତି ଶୃଙ୍ଖଳାର ସହ ଭୋଟ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ପାଲଲହଡ଼ା ବ୍ଲକର ୨୭ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍‌ରେ ଭୋଟ ନିଆଯିବାକୁ ପ୍ରସ୍ତୁତି ଶେଷ ହୋଇଛି। ମୋଟ୍ ୩୭୦ଟି ବୁଥ୍ କରାଯାଇଥିବା ବେଳେ ୯୫ ହଜାର ୩୧୪ ଜଣ ଭୋଟର ସେମାନଙ୍କ ନେତା ନିର୍ବାଚନ କରିବେ। ୨୭ଟି ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୧୧୮ ପ୍ରାର୍ଥୀ ଥିବାବେଳେ ସମିତି ସଭ୍ୟ ପାଇଁ ୯୪ ଓ ଜିଲା ପରିଷଦ ସଦସ୍ୟ ନିମନ୍ତେ ୧୪ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବର ସୂଚନା ଦେଇଛନ୍ତି। ବିଭିନ୍ନ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ସାରିଥିବା ବେଳେ ସୁରକ୍ଷା ପାଇଁ ପୋଲିସ ବ୍ୟବସ୍ଥା କରାଯାଇଛି।

## ୩ ପଞ୍ଚାୟତରେ ଭାଜପାର ପ୍ରଚାର



ଭାଜପା ନେତାମାନେ ପ୍ରଚାର କରୁଛନ୍ତି।

ବଇଣ୍ଡା,୧୯।୨(ଡି.ଏନ.ଏ.)
କିଶୋରନଗର ବ୍ଲକ ୧୩ ନମ୍ବର ଜୋନ୍‌ରେ ଶନିବାର ଭାଜପା ପ୍ରାର୍ଥୀଙ୍କ ପାଇଁ ଦଳୀୟ ନେତାମାନେ ପ୍ରଚାର କରିଛନ୍ତି। ୩ ପଞ୍ଚାୟତରେ ଥିବା ବିଲେଇନାଳୀ, ହଣ୍ଡପା, କଟରଙ୍ଗା ପଞ୍ଚାୟତର ପ୍ରତାପପୁର, ବଇସିଣା, ଆମ୍ବମୁଣ୍ଡା, କୁଆଝରି, କଟରଙ୍ଗା, କୃଷ୍ଣପୁର, ହଣ୍ଡପା, ପାପସରା, ଭେଜିଗୋଠ, ଧଉରାଗୋଠ ଆଦି ଗ୍ରାମରେ ଶନିବାର ଭାଜପା ପ୍ରାର୍ଥୀ ସୁମନ୍ତି ରାଣୀ ପ୍ରଧାନଙ୍କ ପାଇଁ ଭାଜପା ପକ୍ଷରୁ ପ୍ରଚାର କରାଯାଇଛି। ଭାଜପା ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ ସଞ୍ଜୀବ କୁମାର ସାହୁ, ଭାଗୀରଥି ପ୍ରଧାନ, ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ସମ୍ବଲପୁର ଏମ୍‌ପି ପରେଶ ଦେଓ, ଅଜିତ ପ୍ରଧାନ, ଅରବିନ୍ଦ ସାହୁ, ପ୍ରଦୀପ ପ୍ରଧାନ, ଅଖିଳ ପ୍ରଧାନ ପ୍ରମୁଖ ନେତା ଯୋଗଦେଇ ପ୍ରଚାର କରିଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ।

ଜନ୍ମଦିନ ଶୁଭେଚ୍ଛା



(ମାମୁନ୍)
ଆଦ୍ୟାଶା ମହାନ୍ତି
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଇ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୨୩୨୦୩

MISSING



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮

## ରାସୋଳ ମେଡିକାଲରେ ଆକ୍ୟୁପ୍ରେସର ଚିକିତ୍ସା

ଢେଙ୍କାନାଳ ଅଫିସ,୧୯।୨
ଢେଙ୍କାନାଳ ଜିଲା ରାସୋଳ ମେଡିକାଲ ପରିସରରେ ପ୍ରଜ୍ଞା ଆକ୍ୟୁପ୍ରେସର କେନ୍ଦ୍ର ପକ୍ଷରୁ ଆକ୍ୟୁପ୍ରେସର ଚିକିତ୍ସା ସେବା ଶନିବାର ଶୁଭାରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ନାୟକ, ରାସୋଳ ମେଡିକାଲ ଚିକିତ୍ସାଧିକାରୀ ଡା. ଦୟାନିଧି ପୃଷ୍ଟି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. କ୍ଷୀରୋଦ କୁମାର ସାହୁ, ଜିଲା ଭେକ୍ଟରବାହିତ ପରାମର୍ଶଦାତା ତପନ କୁମାର ସାହୁ, ସସ୍ମିତା ସାହୁ ଓ ସିଦ୍ଧାର୍ଥ ସାହୁ, ରାଜ୍ୟ ଯୋଗ ଥେରାପିଷ୍ଟ ସହ ସମ୍ପାଦକ ଡା. ଅଭୟକାନ୍ତ ଦାସ ଏବଂ ଅନୁଗୋଳ ଜିଲା ସଂଯୋଜକ ପ୍ରଦୀପ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଯୋଗ ପ୍ରଶିକ୍ଷକ ଦୀପ୍ତିରଞ୍ଜନ ପଣ୍ଡା ଅତିଥି ପରିଚୟ କରିଥିଲେ। ଆକ୍ୟୁପ୍ରେସର ଥେରାପିଷ୍ଟ ଅଶ୍ୱିନୀ କୁମାର ପତି ଯୋଗ ଓ ଆକ୍ୟୁପ୍ରେସର ଦ୍ୱାରା ଆରୋଗ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି ନିଃଶୁଳ୍କ ସେବା ପ୍ରତିଦିନ ସକାଳ ସାଢେ ୭ଟାରୁ ସାଢେ ୯ଟା ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଅଖିଳ ସାହୁ, ସନ୍ତୋଷ ସାହୁ ଓ ରାସୋଳ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ସହଯୋଗ କରିଥିଲେ।



ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

## ମତ ସାବ୍ୟସ୍ତ କରିବେ ୧ ଲକ୍ଷ ୯୮ ହଜାର ଭୋଟର

କାମାକ୍ଷାନଗର/ପରଜଙ୍ଗ, ୧୯।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏବଂ ପରଜଙ୍ଗ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୨୦ ତାରିଖ ରବିବାର ଭୋଟଗ୍ରହଣ ହେବ। ଦୁଇ ବ୍ଲକର ମୋଟ୍ ୫୧ ପଞ୍ଚାୟତର ୧ ଲକ୍ଷ ୯୮ ହଜାର ୮୪୪ ଭୋଟର ସେମାନଙ୍କ ନେତା ବାଛିବେ। ଏଥିପାଇଁ ଉଭୟ ବ୍ଲକରେ ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ କରାଯାଇଛି।

ଜିଲାରେ ହେଉଥିବା ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ କାମାକ୍ଷାନଗର ବ୍ଲକରେ ମୋଟ୍ ୨୯୬ ବୁଥ୍ କରାଯାଇଛି। ୨୨ ପଞ୍ଚାୟତରେ ହୋଇଥିବା ଏହି ବୁଥ୍‌ଗୁଡ଼ିକରେ ୯୧ ହଜାର ୨୨୭ ଭୋଟର ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ଭୋଟ ଦେବେ। ୩ ଜିଲା ପରିଷଦ ଜୋନ୍‌ର ୧୨ ପ୍ରାର୍ଥୀଙ୍କ ସହ ୮୨ ସରପଞ୍ଚ ଓ ୭୭ ସମିତିସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ତେବେ ବ୍ଲକର ୩୪ ମତଦାନ କେନ୍ଦ୍ର ଉତ୍ତେଜନାପ୍ରବଣ ହୋଇଥିବାରୁ ସେଠାରେ ଅଧିକ ସୁରକ୍ଷା



ନିର୍ବାଚନ ପରିଚାଳନା ସମ୍ପର୍କରେ ଜିଲାପାଳ ପରାମର୍ଶ ଦେଉଛନ୍ତି।

- କାମାକ୍ଷାନଗର, ପରଜଙ୍ଗରେ ଆଜି ମତଦାନ

ବ୍ୟବସ୍ଥା କରାଯାଇଛି। ସେହିପରି ସାରୁଆଳି ପଞ୍ଚାୟତର ୪ନଂ. ୱାର୍ଡ, ମହୁଲପାଳ ପଞ୍ଚାୟତର ୧ନଂ. ୱାର୍ଡରେ ମହିଳା ଭୋଟରଙ୍କ ପାଇଁ ଦୁଇଟି ପିଙ୍କ୍ ବୁଥ୍ ହୋଇଛି। ଅପରାହ୍ନ ୧ଟା ୩୦ ସୁଦ୍ଧା ପ୍ରାୟ ସମସ୍ତ ପୋଲିଂ ପାର୍ଟି ବୁଥ୍‌ଗୁଡ଼ିକରେ ପହଞ୍ଚି ସାରିଥିବା ବିଡିଓ ବିକାଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

ସେହିପରି ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍ ପାଇଁ ଭୋଟ ନିଆଯିବ। ଏଥିପାଇଁ ବ୍ଲକରେ ମୋଟ୍ ୩୬୧ ବୁଥ୍ କରାଯାଇଥିବାବେଳେ ସେଥିରେ ୧ ଲକ୍ଷ ୭ ହଜାର ୬୧୭ ଭୋଟର ଭୋଟ ଦେବେ। ୩ ଜୋନ୍‌ରେ ଥିବା ୧୩ ଜିଲା ପରିଷଦ ପ୍ରାର୍ଥୀ, ୮୭ ଜଣ ସରପଞ୍ଚ ପ୍ରାର୍ଥୀ ଓ ୭୦ଜଣ ସମିତି ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ଭୋଟରମାନେ ଉପଯୁକ୍ତ ନେତା ଚୟନ କରିବେ। ଶନିବାର ନିର୍ବାଚନ ସାମଗ୍ରୀ ସହ ପୋଲିଂ ପାର୍ଟି ବୁଥ୍ ଗୁଡ଼ିକରେ ପହଞ୍ଚିସାରିଥିବା ସୂଚନା ମିଳିଛି।

## ୨୩ରେ ୪ ବୁଥ୍‌ରେ ପୁନଃ ମତଦାନ

ଢେଙ୍କାନାଳ ଅଫିସ,୧୯।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତର ୪ଟି ବୁଥ୍‌ରେ ଆସନ୍ତା ୨୩ ତାରିଖରେ ପୁନଃ ମତଦାନ କରାଯିବ ବୋଲି ଶନିବାର ସନ୍ଧ୍ୟାରେ ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମତଦାନ କରାଯିବ। ପଞ୍ଚାୟତର ୨, ୬, ୭ ଓ ୧୧ ନଂ. ବୁଥ୍‌ରେ ଏହି ପୁନଃ ମତଦାନ ହେବ। ରାଜ୍ୟ ନିର୍ବାଚନ କମିଶନଙ୍କଠାରୁ ଏ ସମ୍ପର୍କରେ ପତ୍ର ମିଳିବା ପରେ ଜିଲାପାଳ ଏହି ସୂଚନା ଦେଇଛନ୍ତି। ପଞ୍ଚାୟତର ୨ନଂ ବୁଥ୍‌ରେ ୫୪୭ ଭୋଟର, ୬ନଂ ବୁଥ୍‌ରେ ୩୭୦, ୭ନଂ ବୁଥ୍‌ରେ ୭୪୪ ଓ ୧୧ନଂ ବୁଥ୍‌ରେ ୪୩୮ ଭୋଟର ରହିଛନ୍ତି। ଗତ ୧୬ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଏହି ପଞ୍ଚାୟତର ଉପରୋକ୍ତ ୪ ବୁଥ୍ ଜବରଦଖଲ ହୋଇଥିଲା। ୧୧ନଂ ବୁଥ୍ ପୋଲିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉଳଙ୍କୁ ଆକ୍ରମଣ କରାଯିବା ସହିତ ଭୋଟ ବାକ୍ସ ଲୁଟି ନିଆଯାଇଥିଲା। ଏକ ବୋଲେରୋ ଓ ବାଇକ୍ ଭଙ୍ଗାରୁଜା କରାଯାଇଥିଲା। ୧୭ ତାରିଖରେ ପୋଲିସ ଲୁଟ୍ ଭୋଟ ବାକ୍ସ ଏକ କୂଅରୁ ଉଦ୍ଧାର କରିଥିଲା। ଏହି ଘଟଣାରେ ନିହଲପ୍ରସାଦ ଥାନା ପୋଲିସ ଏକ ମାମଲା ରୁଜୁ କରି ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଠେଲକନାଳି ଗ୍ରାମରେ ଅଗ୍ନିକାଣ୍ଡ

ବଇଣ୍ଡା,୧୯।୨(ଡି.ଏନ.ଏ.)
ଅନୁଗୋଳ ଜିଲା କିଶୋରନଗର ବ୍ଲକ ଠେଲକନାଳି ପଞ୍ଚାୟତ ଠେଲକନାଳି ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ବାଲିଆ ବସଲାଙ୍କ ଘରେ ନିଆଁ ଲାଗି ଗୋଟିଏ ବଖରା ଜଳିଯାଇଛି। କିଭଳି ନିଆଁ ଲାଗିଲା ତାହା ଜଣାପଡ଼ି ନ ଥିବା ବେଳେ ଅଞ୍ଚଳବାସୀ ନିଆଁକୁ ଆୟତ୍ତ କରିଥିଲେ ହେଁ ବହୁ ସମ୍ପତ୍ତି ଜଳିଯାଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।





CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

BALAJI FINANCE
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ
ଦ୍ୱାରା ଲୋନ୍।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ।
0% ସୁଧ, 35% ରିହାତି।
ମାର୍କଶିଟ୍, ପ୍ରପର୍ଟି, ବିଜନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ।
9870683762

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁବନରେ ଭାଜପା-ବିଜେଡି ଟକ୍କର

ଭୁବନ,୧୯।୨(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ମତଦାନ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ବ୍ଲକର ୧୮ଟି ପଞ୍ଚାୟତର ମୋଟ୍ ୮୨ ହଜାର ୭୪୭ ଜଣ ଭୋଟର ମତଦାନ କରିବେ। ଏଥିପାଇଁ ବ୍ଲକରେ ୨୫୮ ବୁଥ୍ କରାଯାଇଥିବା ବେଳେ ସେଥିରୁ ୧୧୦ଟି ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ କରାଯାଇଛି। ତେଣୁ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି। ଗତ ନିର୍ବାଚନରେ ବ୍ଲକର ୩ଟି ଜିଲା ପରିଷଦ ଜୋନ୍ ମଧ୍ୟରୁ ୨ଟି ବିଜେଡି ଓ ଗୋଟିଏରେ ଭାଜପା ବିଜୟୀ ହୋଇଥିଲା। ତେଣୁ ଚଳିତଥର ୩ଟି ଜୋନ୍ ହାତେଇବାକୁ ଦୁଇ ପ୍ରମୁଖ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଲକ୍ଷ୍ୟ କରାଯାଉଛି। ଶନିବାର ଦଳୀୟ ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ଏମ୍‌ପି ମହେଶ ସାହୁଙ୍କୁ ପ୍ରଚାର ମଇଦାନରେ ଦେଖିବାକୁ ମିଳିଛି।

ଭୁବନ ବ୍ଲକର ୧, ୨ ଓ ୩ନଂ. ଜିଲା ପରିଷଦ ଜୋନ୍‌ରେ ଏଥର ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୧୮ଟି ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୬୦ ଜଣ ପ୍ରାର୍ଥୀ ରହିଥିବାବେଳେ ସମିତି ସଭ୍ୟ ପଦବୀ ପାଇଁ ମଧ୍ୟ ୬୦ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଦଳୀୟ ଭିତ୍ତିରେ ନିର୍ବାଚନ ଲଢ଼ାଯାଉଥିବା ଜିଲା ପରିଷଦ ଜୋନ୍ ଗୁଡ଼ିକରେ ପ୍ରଚାର ଜମୁଛି। ଏହି ୩ଟି ଜୋନ୍ ମଧ୍ୟରୁ ୧ନଂ ଓ ୨ନଂ ଜୋନକୁ ୨୦୧୭ ନିର୍ବାଚନରେ ବିଜେଡି ହାତେଇ ନେଇଥିଲା। ୩ନଂ ଜୋନରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ତେଣୁ ଚଳିତ ନିର୍ବାଚନରେ ପୂରା ବ୍ଲକକୁ କରାୟତ୍ତ କରିବାକୁ ଦୁଇ ଦଳ ଯୋଜନା କରିଥିବାରୁ ଦଳୀୟ ପ୍ରାର୍ଥୀମାନଙ୍କ ମଧ୍ୟରେ ଜୋରଦାର ଟକ୍କର ଚାଲିଛି। ବ୍ଲକରେ ନିର୍ବାଚନ ପ୍ରଚାର ଶେଷ ହେବା ପୂର୍ବରୁ ଶନିବାର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଏମ୍‌ପି ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଏମ୍‌ପିଙ୍କ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ୨ନଂ. ଜୋନ୍‌ର ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ସାହୁଙ୍କ ପାଇଁ ପ୍ରଚାର କରିଛନ୍ତି। ଏଠାରୁ ବ୍ଲକ ବିଜେଡି ସଭାପତି ନିଜେ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବାରୁ ଦଳ ପାଇଁ ଏହା ସମ୍ମାନର ପ୍ରଶ୍ନ ହୋଇଛି। ଏହାଛଡ଼ା ବିଭିନ୍ନ ଜୋନ୍‌ରେ ଜନଅସନ୍ତୋଷ ଥିବାରୁ ସ୍ଥିତି ସୁଧାରିବା ଉପରେ ଦୁଇ ନେତା ଗୁରୁତ୍ୱ ଦେଇଛନ୍ତି। ଏ ସମ୍ପର୍କରେ ଏମ୍‌ପି ସାହୁ କହିଛନ୍ତି, ୩ଟି ଯାକ ଜୋନ୍‌ରେ ବିଜେଡିର ନିଶ୍ଚିତ ବିଜୟ ହେବ। ମନ୍ତ୍ରୀ ମଲ୍ଲିକ କହିଛନ୍ତି, ଭୁବନ ବ୍ଲକର ବିକାଶ ଧାରାରେ ବିଜେଡି ସାମିଲ ହୋଇଥିବାରୁ ଦଳୀୟ ପ୍ରାର୍ଥୀ ଅଧିକ ଭୋଟ ପାଇବେ।



ବିଜେଡି ପକ୍ଷରୁ ପ୍ରଚାରରେ ମନ୍ତ୍ରୀ ଓ ଏମ୍‌ପି ସାମିଲ ହୋଇଛନ୍ତି।

- ସ୍ଥିତି ସୁଧାରିବାକୁ ପ୍ରଚାରରେ ମନ୍ତ୍ରୀ, ଏମ୍‌ପି

